ଗ୍ରାମୀଣ କୃଷି ମୌସମ ସେବା
ଭାରତ ପାଣିପାଗ ବିଭାଗ
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର,ଚିପିଲିମା

ସଂଖ୍ୟା – ୮୦ (ଓଡ଼ିଆ ବୁଲେଟିନ) ସପ୍ତାହ – ୪୦ ତାରିଖ: ୦୬.୧୦.୨୦୨୬

# ପଶ୍ଚିମ କେନ୍ଦ୍ରୀୟ ମାଳଭୂମି ଅଞ୍ଚଳ

## ଜିଲ୍ଲା – ବରଗଡ଼

### ବିଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ତଥ୍ୟ (୩୦.୦୯.୨୦୨୬ ରୁ ୦୬.୧୦.୨୦୨୬)

| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | ବୃଷ୍ଟିପାତ (ମିଲି ମିଟର) |
|---|---|---|
| **33** | **23** | **0.0** |

### ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୦୭-୧୦-୨୦୨୬ | ୦୮-୧୦-୨୦୨୬ | ୦୯-୧୦-୨୦୨୬ | ୧୦-୧୦-୨୦୨୬ | ୧୧-୧୦-୨୦୨୬ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 3 | 5 | 5 | 1 | 0 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 35 | 34 | 34 | 33 | 33 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 23 | 24 | 24 | 24 | 23 |
| ମେଘ ଆବରଣ(ଓକଟା) | 2 | 3 | 3 | 1 | 0 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 84 | 85 | 88 | 88 | 85 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 46 | 46 | 52 | 45 | 41 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 4 | 1 | 4 | 3 | 2 |
| ପବନର ଦିଗ (ଡିଗ୍ରୀ) | 253 | 243 | 243 | 220 | 256 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆଗାମୀ ସପ୍ତାହରେ ଗୋଟେ କିମ୍ବା ଦୁଇଟା ସ୍ଥାନରେ ଅତି ହାଲୁକା ରୁ ହାଲୁକା ବର୍ଷା ହେବାର ସମ୍ଭାବନା ଅଛି ଏବଂ ଏହି ସମୟ ଅବଧିରେ ଆକାଶ ସଫା ରୁ ଆଂଶିକ ସଫା ରହିପାରେ । ଆଗାମୀ ଦିନଗୁଡ଼ିକରେ ଉଭୟ ସର୍ବାଧିକ ଓ ସର୍ବନିମ୍ନ ତାପମାତ୍ରାରେ ବିଶେଷ କିଛି ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିବ ନାହିଁ । ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଆପେକ୍ଷିକ ଆର୍ଦ୍ରତା ଅଧିକ ରହିବା ସହିତ ଘଣ୍ଟା ପ୍ରତି ୦୧ ରୁ ୦୪ କି.ମି. ବେଗରେ ଦକ୍ଷିଣ-ପଶ୍ଚିମ ଦିଗରୁ ପବନ ବହିବାର ପୂର୍ବାନୁମାନ କରାଯାଇଅଛି ।

## ସାଧାରଣ ଉପଦେଶ

- ଭାରତ ପାଣିପାଗ ବିଭାଗର ବିସ୍ତାରିତ ପାଣିପାଗ ପୂର୍ବାନୁମାନ ମଡେଲ୍ ଅନୁସାରେ (ପରବର୍ତ୍ତୀ ସପ୍ତାହର ପୂର୍ବାନୁମାନ: ୬ଷ୍ଠ ରୁ ୧୨ତମ ଦିନ), ୧୧-୧୦-୨୦୨୬ ରୁ ୧୭-୧୦-୨୦୨୬ ମଧ୍ୟରେ ଓଡ଼ିଶା ରାଜ୍ୟରେ ବର୍ଷା ସ୍ୱାଭାବିକଠାରୁ କମ୍ ହେବାର ଏବଂ ସର୍ବାଧିକ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ସ୍ୱାଭାବିକଠାରୁ କମ୍ ଓ ସ୍ୱାଭାବିକ ରହିବାର ସମ୍ଭାବନା ରହିଅଛି ।
- ଆଗାମୀ ସପ୍ତାହରେ ପାଗ ଶୁଷ୍କ ରହିବାର ସମ୍ଭାବନାକୁ ଦୃଷ୍ଟିରେ ରଖି, ଚାଷୀଭାଇମାନେ ଫସଲର ଆବଶ୍ୟକତା ଓ ମାଟିର ଆର୍ଦ୍ରତା ଅନୁଯାୟୀ, ବିଶେଷକରି ଫସଲର ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ଅବସ୍ଥାରେ ଆବଶ୍ୟକତାନୁସାରେ ଜଳସେଚନ କରନ୍ତୁ । ଅତ୍ୟଧିକ ଜଳସେଚନରୁ ଦୂରେଇ ଉପଲବ୍ଧ ଜଳର ସଠିକ୍ ବ୍ୟବହାର କରନ୍ତୁ ।
- ମାଟିରେ ପର୍ଯ୍ୟାପ୍ତ ଆର୍ଦ୍ରତା ଥିବା ସମୟରେ ଘାସ ନିୟନ୍ତ୍ରଣ ଓ ଅନ୍ତଃଚାଷ କାର୍ଯ୍ୟ ସମ୍ପନ୍ନ କରନ୍ତୁ ।
- ସାର ଓ ଜୈବସାର ପ୍ରୟୋଗ କେବଳ ମାଟିରେ ପର୍ଯ୍ୟାପ୍ତ ଆର୍ଦ୍ରତା ଥିବା ସମୟରେ କରନ୍ତୁ, ଯାହାଦ୍ୱାରା ଫସଲରେ ପୋଷକତତ୍ତ୍ୱର ସଠିକ୍ ଉପଯୋଗ ହୋଇପାରିବ।
- ଶୁଷ୍କ ପାଗରେ ଜଉ ପୋକ, ଜାସିଡ୍, ଉକୁଣିଆ ପୋକ ଓ ଧଳାମାଛି ଭଳି ରସ ଶୋଷକ କୀଟମାନଙ୍କ ଉପଦ୍ରବ ବଢ଼ିପାରେ । ତେଣୁ ଫସଲକୁ ନିୟମିତ ଭାବେ ନିରୀକ୍ଷଣ କରନ୍ତୁ ।
- ପରିପକ୍ୱ ଫସଲ, ଫଳ ଓ ପନିପରିବାକୁ ଉପଯୁକ୍ତ ସମୟରେ ଅମଳ କରି ଶୁଷ୍କ ଓ ନିରାପଦ ସ୍ଥାନରେ ସଂରକ୍ଷଣ କରନ୍ତୁ ।

## ସଂକ୍ଷିପ୍ତ ଉପଦେଶ

- ଅନେକ ଚାଷୀଙ୍କ ଧାନ କ୍ଷେତରେ ମାଟିଆଗୁଣ୍ଡି ବା ଚକଡ଼ା ପୋକର ଆକ୍ରମଣ ଦେଖାଯାଇଥିବାରୁ, ଏହାର ବିସ୍ତାର ରୋକିବା ପାଇଁ ଚାଷୀଭାଇମାନେ ବିକଳ୍ପ ଓଦା ଓ ଶୁଖାଇବା ପ୍ରଣାଳୀ ଅନୁସରଣ କରନ୍ତୁ ଏବଂ ଏହି ସମୟରେ ୟୁରିଆ ସାରର ପ୍ରୟୋଗ କରନ୍ତୁ ନାହିଁ ।

## ପାଣିପାଗ ଭିତ୍ତିକ କୃଷିଏବଂ ପଶୁପାଳନ ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ବର୍ଷା ଦିନିଆ (ଖରିଫ) ଧାନ | କେଣ୍ଡା ଆରମ୍ଭ ଅବସ୍ଥା | • ଧାନ ଫସଲରେ ପତ୍ରମୋଡ଼ା ପୋକର ଆକ୍ରମଣରେ ପ୍ରତି ଗଛରେ ୨ଟି ମୋଡ଼ା ପତ୍ର ଦେଖାଦେଲେ, କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୧୮.୫% ଏସ୍.ସି. @ ୬୦ ମି.ଲି./ଏକର କିମ୍ବା ଟେଟ୍ରାନିଲିପ୍ରୋଲ୍ ୨୦୦ ଏସ୍.ସି. (୧୮.୧୮% w/w) @ ୧୦୦-୧୨୦ ମି.ଲି./ଏକର କିମ୍ବା ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲ୍ୟୁ.ଜି. @ ୫୦ ଗ୍ରାମ/ଏକର ମଧ୍ୟରୁ ଯେକୌଣସି ଗୋଟିଏ କୀଟନାଶକକୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।<br>• ମାଟିଆଗୁଣ୍ଡି ବା ଚକଡ଼ା ପୋକର ଆକ୍ରମଣକୁ ନିୟନ୍ତ୍ରଣ କରିବା ହେତୁ, ଚାଷୀଭାଇମାନେ ଟ୍ରାଇଫ୍ଲୁମେଜୋପାଇରିମ୍ ୧୦% ଏସ୍‌ସି @ ୯୪ ମି.ଲି./ଏକର, ପାଇମେଟ୍ରୋଜିନ୍ ୫୦% ଡବ୍ଲ୍ୟୁ.ଜି. @ ୧୨୦ ଗ୍ରାମ୍/ଏକର, ଡିନୋଟେଫୁରାନ୍ ୨୦% ଏସ୍.ଜି. @ ୬୦-୮୦ ଗ୍ରାମ୍/ଏକର, ଥାୟାମେଥୋକ୍ସାମ୍ ୨୫% ଡବ୍ଲ୍ୟୁ.ଜି. @ ୪୦ ଗ୍ରାମ୍/ଏକର, ଇଥୋଫେନୋପ୍ରକ୍ସ ୧୦% ଇ.ସି. @ ୨୦୦-୩୦୦ ମି.ଲି./ଏକର, ଏସିଫେଟ୍ ୭୫% ଏସ୍.ପି. @ ୪୦୦ ଗ୍ରାମ୍/ଏକର କିମ୍ବା ଫିପ୍ରୋନିଲ୍ ୫% ଏସ୍.ସି. @ ୪୦୦-୬୦୦ ମି.ଲି./ଏକରକୁ ୨୦୦ ଲିଟର ପାଣିରେ ମିଶାଇ ଶୁଷ୍କ ଓ ସଫା ପାଗରେ କ୍ଷେତରେ ବ୍ୟବହାର କରନ୍ତୁ ।<br>• ଚକଡ଼ା ପୋକର ଆକ୍ରମଣ ସମୟରେ ଯବକ୍ଷାରଜାନଯୁକ୍ତ ସାର ପ୍ରୟୋଗ କରନ୍ତୁ ନାହିଁ, ଯାହାଦ୍ୱାରା ପୋକର ଆକ୍ରମଣ ଅଧିକ ବଢ଼ିବାକୁ ରୋକାଯାଇପାରିବ । |
| ଚିନାବାଦାମ | ଫୁଲ ଓ ଓହଳ ଅବସ୍ଥା | • ମାଟିରେ ଆର୍ଦ୍ରତା କମ୍ ଥିଲେ ଫୁଲ ଧରିବା, ଗଛରେ ଓହଳ ପ୍ରବେଶ କରିବା ଓ ଦାନା ବିକାଶ ଅବସ୍ଥାରେ ଆବଶ୍ୟକତାନୁସାରେ ସୁରକ୍ଷାମୂଳକ ଜଳସେଚନ କରନ୍ତୁ । ଫୁଲ ଧରିବା ଓ ଓହଳ ମାଟିରେ ପ୍ରବେଶ କରିବା ସମୟରେ ମାଟିରେ ଆର୍ଦ୍ରତାର ଅଭାବ ହେବାକୁ ଦିଅନ୍ତୁ ନାହିଁ ।<br>• ମାଟିରେ ଉପଯୁକ୍ତ ଆର୍ଦ୍ରତା ଥିବା ଅବସ୍ଥାରେ ଘାସ ନିୟନ୍ତ୍ରଣ, ଅନ୍ତଃଚାଷ ଓ ମାଟି ଚଢ଼ାଇବା କାର୍ଯ୍ୟ କରି ନିଅନ୍ତୁ ।<br>• ଓହଳ ପ୍ରବେଶ କରିବାର ୩୦ ଦିନ ମଧ୍ୟରେ କାଲସିୟମ ଉପଲବ୍ଧତା ଗୁରୁତ୍ୱପୂର୍ଣ୍ଣ ଅଟେ । ମୃତ୍ତିକା ପରୀକ୍ଷା ନ ହୋଇ ସୁଦ୍ଧା ଚିନାବାଦାମ ଫସଲକୁ କାଲସିୟମ ନିମନ୍ତେ ଜିପସମ୍ ପ୍ରୟୋଗ କରିବା ଜରୁରୀ ଅଟେ । ଯଦି ପୂର୍ବରୁ ପ୍ରୟୋଗ କରାଯାଇନାହିଁ, ତେବେ ପୂର୍ଣ୍ଣ ଫୁଲ ଧରିବା କିମ୍ବା ପ୍ରାରମ୍ଭିକ ଓହଳ ଅବସ୍ଥାରେ ପ୍ରତି ହେକ୍ଟର ପିଛା ୨୫୦ କି.ଗ୍ରା. ଜିପସମ୍ ପ୍ରୟୋଗ କରନ୍ତୁ ।<br>• ବର୍ତ୍ତମାନର ପାଣିପାଗ ପରିସ୍ଥିତି ଟିକ୍କା ରୋଗ ବା ପତ୍ର ଛିଟା ରୋଗର ସଂକ୍ରମଣ ପାଇଁ ଅନୁକୂଳ ଥିବାରୁ, ଏହାର ନିୟମିତ ନିରୀକ୍ଷଣ କରିବାକୁ ପରାମର୍ଶ ଦିଆଯାଉଛି । ଯଦି ରୋଗର ସଂକ୍ରମଣ ଦେଖାଯାଏ, ତେବେ ଟେବୁକୋନାଜୋଲ୍ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% ଡବ୍ଲ୍ୟୁଜି **@** ୦.୨୫-୦.୫ ଗ୍ରାମ୍ ପ୍ରତି ଲିଟର ପାଣିରେ ମିଶାଇ ଖେତରେ ସିଞ୍ଚନ କରନ୍ତୁ । |
| କଦଳୀ | କାନ୍ଦି ବିକାଶ ଅବସ୍ଥା / ଫଳ ଅବସ୍ଥା | • ବିଶେଷକରି କାନ୍ଦି ବିକାଶ ଅବସ୍ଥାରେ ଫସଲର ଆବଶ୍ୟକତା ଅନୁଯାୟୀ ଜଳସେଚନ କରି ମାଟିରେ ପର୍ଯ୍ୟାପ୍ତ ଆର୍ଦ୍ରତା ବଜାୟ ରଖନ୍ତୁ ।<br>• ମାଟିର ଆର୍ଦ୍ରତା ବଜାୟ ରଖିବା ପାଇଁ ଉପଲବ୍ଧତା ଅନୁସାରେ ଗଛ ଚାରିପାଖରେ ଥିବା ବେସିନ୍‌ରେ ନଡ଼ା କିମ୍ବା ପୁଆଳ ଦ୍ୱାରା ମଲଚିଂ କରନ୍ତୁ ।<br>• କ୍ଷେତରେ ପରିଚ୍ଛନ୍ନତା ବଜାୟ ରଖନ୍ତୁ ଏବଂ ସିଗାଟୋକା/ପତ୍ରଦାଗ ରୋଗ, କଦଳୀ ଘୁଣିପୋକ ଓ ଅନ୍ୟାନ୍ୟ ପୋକମାନଙ୍କ ଉପଦ୍ରବ ପ୍ରତି ନିୟମିତ ଭାବେ ନିରୀକ୍ଷଣ କରୁଥାନ୍ତୁ ।<br>• ଆବଶ୍ୟକତା ଅନୁଯାୟୀ କାନ୍ଦି ଧରିଥିବା ଗଛକୁ ଖୁଣ୍ଟି କିମ୍ବା ଅନ୍ୟ ଉପଯୁକ୍ତ ଉପାୟରେ ସହାୟତା ପ୍ରଦାନ କରନ୍ତୁ ବା ଭରା ଦିଅନ୍ତୁ । |
| କଖାରୁ ଜାତୀୟ ପନିପରିବା | ଫୁଲ ଓ ଫଳ ଅବସ୍ଥା | • ଆଗାମୀ ଶୁଷ୍କ ପାଗର ସ୍ଥିତିକୁ ଦୃଷ୍ଟିରେ ରଖି, କଖାରୁଜାତୀୟ ପନିପରିବା ଫସଲରେ ବିଶେଷକରି ଫୁଲ ଧରିବା ଓ ଫଳ ବିକାଶ ଅବସ୍ଥାରେ ହାଲୁକା ଏବଂ ଆବଶ୍ୟକତାନୁସାରେ ଜଳସେଚନ କରନ୍ତୁ ଯଦି ଦରକାର ପଡ଼େ । ସମ୍ଭବ ହେଲେ ମଲଚିଂ ବା ଆଚ୍ଛାଦନ ପ୍ରୟୋଗ କରି ମାଟିର ଆର୍ଦ୍ରତା ସଂରକ୍ଷଣ କରନ୍ତୁ ।<br>• ଲତାକୁ ଉପଯୁକ୍ତ ଭାବେ ମାଚା କିମ୍ବା ଅନ୍ୟାନ୍ୟ ସହାୟତା ପ୍ରଦାନ କରନ୍ତୁ, ସମୟୋପଯୋଗୀ ଭାବେ ଘାସ ନିୟନ୍ତ୍ରଣ କରନ୍ତୁ ଏବଂ ନାଲି କଖାରୁ ବିଟଲ୍, ରସ ଶୋଷକ କୀଟ ଓ ଫଳମାଛିର ଉପଦ୍ରବ ପ୍ରତି ଫସଲକୁ ନିୟମିତ ଭାବରେ |

| | | |
|---|---|---|
| | | ନିରୀକ୍ଷଣ କରନ୍ତୁ । |
| ବାଇଗଣ | ଫୁଲ ଓ ଫଳ ଅବସ୍ଥା | • ଅତ୍ୟଧିକ ଜଳସେଚନରୁ ଦୂରେଇ ରୁହନ୍ତୁ ଏବଂ ମାଟି ଓ ଫସଲର ଆବଶ୍ୟକତା ଅନୁଯାୟୀ ମୁଖ୍ୟତଃ ଗଛର ମୂଳ ଅଞ୍ଚଳରେ ଜଳସେଚନ କରନ୍ତୁ ।<br>• ଶୁଣ୍ଢି ଓ ଫଳବିନ୍ଧା ପୋକ, ଜଉ, ଜାସିଡ୍, ଧଳାମାଛି ଓ ମାଇଟ୍‌ର ଉପଦ୍ରବ ପାଇଁ ନିୟମିତ ଭାବେ ଫସଲ ନିରୀକ୍ଷଣ କରନ୍ତୁ । କୀଟର ବଂଶବୃଦ୍ଧି ରୋକିବା ପାଇଁ ଆକ୍ରାନ୍ତ ଡାଳ ଓ ଫଳଗୁଡ଼ିକୁ ତୋଳି ନଷ୍ଟ କରିଦିଅନ୍ତୁ ।<br>• ପରିପକ୍ୱ ଫଳଗୁଡ଼ିକୁ ନିୟମିତ ଭାବେ ଅମଳ କରନ୍ତୁ, ଯାହାଦ୍ୱାରା ଅଧିକ ଫଳ ଧାରଣକୁ ଉତ୍ସାହିତ କରାଯାଇପାରିବ ଏବଂ ଫଳ ଅତ୍ୟଧିକ ପାଚିଯିବାରୁ ରୋକାଯାଇପାରିବ। |
| ପଶୁ ପାଳନ | • ପଶୁମାନଙ୍କ ମଧ୍ୟରେ ଖୁରା ଓ ମୁହଁ ରୋଗ ବା ଫାଟୁଆ (FMD) ଓ ଥନହରା (ମାଷ୍ଟାଇଟିସ୍) ରୋଗର ଲକ୍ଷଣଗୁଡ଼ିକୁ ନିୟମିତ ଭାବେ ନିରୀକ୍ଷଣ କରନ୍ତୁ ।<br>• ଦିନସାରା ପଶୁମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ପରିଷ୍କାର ପାନୀୟ ଜଳ ଯୋଗାଇବା ସହ ଅତ୍ୟଧିକ ଗରମ ଓ ଶୁଷ୍କ ପାଗ ସମୟରେ ଛାଇ ଓ ଆଶ୍ରୟ ପ୍ରଦାନ କରନ୍ତୁ ।<br>• ପଶୁ ରହୁଥିବା ଗୁହାଳକୁ ପରିଷ୍କାର ରଖିବା ସହ ଭଲ ବାୟୁ ଚଳାଚଳର ଉଚିତ ବ୍ୟବସ୍ଥା କରନ୍ତୁ ।<br>• ପଶୁମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ସବୁଜ ଓ ଶୁଖିଲା ଚାରା ସହିତ ଖଣିଜ ମିଶ୍ରଣ ଯୋଗାଇ ଦିଅନ୍ତୁ । | |


| | |
|---|---|
| **Mrs. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |


---

- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍ୱୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଦ୍ଦିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ ମୌସମ ଆପ ର ବ୍ୟବହାର କରିପାରିବେ )https://play.google.com/store/apps/details?id=com.imd.masuam(.।